ଗୁଜୁରାଟ ରାଜ୍ୟ

*ବନାମ*

ପଟେଲ ବାଭା କରସନ ଏବଂ ଅନ୍ୟମାନେ

*ଫେବୃଆରୀ* 22, 1980

[ଏସ୍. ମୂର୍ତାଜ ଫଜଲ୍ ଅଲ୍ଲୀ, ପି.ଏସ୍. କୈଳାସମ୍ ଏବଂ ଏ.ଡି. କୋଶଲ୍, ନ୍ୟାୟମୂର୍ତ୍ତିବୃନ୍ଦ]

*ଭାରତର ସମ୍ବିଧାନ 1950, ଅନୁଚ୍ଛେଦଗୁଡିକ 14 ଏବଂ 19 ଏବଂ ଗୁଜୁରାଟ ପୌରପାଳିକା ଅଧିନିୟମର ଧାରାଗୁଡିକ 233 ଏବଂ 236—ପୌରପାଳିକା ପରିସରରୁ ଉଚ୍ଛେଦକୁ ସଶକ୍ତ କରୁଥିବା ଅଧିନିୟମ—ପ୍ରଦାନ କରାଯାଇଥିବା ଉଚ୍ଛେଦ ଆଦେଶ ବିରୁଦ୍ଧରେ ସରକାରଙ୍କୁ ଏକ ଅପିଲ— ବ୍ୟବସ୍ଥାଗୁଡ଼ିକର ସାମ୍ବିଧାନିକ ବୈଧତା।*

ଗୁଜୁରାଟ ପୌରପାଳିକା ଅଧିନିୟମର ଧାରା 233, ପୌରପାଳିକା ପରିସରରୁ ଲୋକଙ୍କୁ ଉଚ୍ଛେଦ କରିବାକୁ ପୌରପାଳିକାର ମୁଖ୍ୟ ଅଧିକାରୀଙ୍କୁ କ୍ଷମତା ପ୍ରଦାନ କରିଛି।

ଅପିଲରେ ଉତ୍ତରଦାତା ସଂଖ୍ୟା 1ଙ୍କୁ ଅଧିନିୟମର ଧାରା 233 (1)ର ବ୍ୟବସ୍ଥା ଅନୁଯାୟୀ ଏକ ଅଧିସୂଚନା ଦ୍ୱାରା ଏକ ଜମିର ଦଖଲ ପୌରପାଳିକାକୁ ହସ୍ତାନ୍ତର କରିବାକୁ କୁହାଯାଇଥିଲା କାରଣ ସେ ଏହା ଉପରେ ଅନଧିକୃତ ଦଖଲରେ ଥିଲେ। ସମ୍ବିଧାନର ଅନୁଚ୍ଛେଦ 226 ଅଧୀନରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଅନୁଯାୟୀ ଏହି ଅଧିସୂଚନାକୁ ଉତ୍ତରଦାତା ଆପତ୍ତି କରିଥିଲେ ଏବଂ ବିବାଦର ଏକମାତ୍ର ବିଷୟ ଥିଲା ଯେ, ଯେଉଁ ଅଧିନିୟମର ଧାରା 233 ଅନୁଯାୟୀ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା, ତାହା ସାମ୍ବିଧାନିକ ଭାବରେ ବୈଧ କି ନୁହେଁ। ସେହି ନ୍ୟାୟାଳୟର ଏକ ପୂର୍ବ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଧାରା 233କୁ ସମ୍ବିଧାନର ଅନୁଚ୍ଛେଦ 14ର ଉଲ୍ଲଂଘନକାରୀ ବୋଲି ଦର୍ଶାଇ ଏହାକୁ କ୍ଷମତାତୀତ ବୋଲି ଦର୍ଶାଇଥିଲେ।

ଏହି ନ୍ୟାୟାଳୟରେ ହୋଇଥିବା ଅପିଲରେ ଉତ୍ତରଦାତାମାନଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା : (1) ଯେ, *ଅହମ୍ମଦାବାଦ ପୌରପାଳିକା ନିଗମର* ମାମଲା ସଠିକ୍ ଭାବରେ ନିଷ୍ପତ୍ତି ହୋଇନଥିଲା କାରଣ ଯଦିଓ *ଛଗନଲାଲ ମଗନଲାଲଙ୍କ* ମାମଲାରେ ଏକ ଦେୱାନୀ ନ୍ୟାୟାଳୟରେ *ଅପିଲ କରିବାର* ଅଧିକାର ଥିଲା ଏବଂ ସମ୍ପୃକ୍ତ ବିଧାନ ଦ୍ୱାରା ସାକ୍ଷ୍ୟ ଗ୍ରହଣ କରିବାର ଅଧିକାର ଦିଆଯାଇଥିଲା, ପୂର୍ବରେ, ପ୍ରାସଙ୍ଗିକ ବିଧାନରେ ଏପରି କୌଣସି ବ୍ୟବସ୍ଥା ନଥିଲା, ଏବଂ (2) ଗୁଜୁରାଟ ଅଧିନିୟମର ବ୍ୟବସ୍ଥା, ସମ୍ବିଧାନର ଅନୁଚ୍ଛେଦ 19 ର ଉଲ୍ଲଂଘନ କରିଥିଲା।

ଅପିଲଗୁଡ଼ିକୁ ଅନୁମତି ଦେଇ,

ଦର୍ଶାଯାଇଛି : (1) (i) ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ରଦ୍ଦ କରିଦିଆଯାଇଛି ଏବଂ ମୁଖ୍ୟ ଅଧିକାରୀଙ୍କ 9-3-66 ତାରିଖର ଆଦେଶକୁ ନିଶ୍ଚିତ କରାଯାଇଛି । [1090G]

(ii) *ନର୍ଦନ ଇଣ୍ଡିଆନ୍ କ୍ୟାଟରର୍ସ ପ୍ରାଇଭେଟ ଲିମିଟେଡ ବନାମ ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ* [1967] 3 SCR, 399 ମାମଲାରେ ଏହି ନ୍ୟାୟାଳୟ ଗୁଜୁରାଟ ଅଧିନିୟମର ଧାରା 233 ସହିତ ପ୍ରାୟ ସମାନ ଥିବା ଏକ ବିଧାନର ବ୍ୟବସ୍ଥାଗୁଡିକ ଉପରେ ବିଚାର କରୁଥିବାବେଳେ, ଉଚ୍ଚ ନ୍ୟାୟାଳୟଙ୍କ ସହ ସମାନ ମତ ଦେଇଥିଲେ ଏବଂ ଏହି ବିଧାନକୁ ରଦ୍ଦ କରିଦେଇଥିଲେ । ଏହି ନିର୍ଣ୍ଣୟ ଶେଷରେ *ଛଗନଲାଲ ମଗନଲାଲ,* [1975] 1 SCR 1 ମାମଲାରେ ଅଗ୍ରାହ୍ୟ ହେବା ପର୍ଯ୍ୟନ୍ତ ନିଜର ସ୍ଥାନ ବଜାୟ ରଖିଥିଲା । *ଅହମ୍ମଦାବାଦ ପୌରପାଳିକା ନିଗମ ଏବଂ ଅନ୍ୟମାନେ ବନାମ ରମଣ ଲାଲ ଗୋବିନ୍ଦ ରାମ ଏବଂ ଅନ୍ୟମାନେ,* [1975] 3 SCR 935ଙ୍କ ମାମଲାରେ ପରବର୍ତ୍ତୀ ନିର୍ଣ୍ଣୟ, *ଛଗନଲାଲ ମଗନଲାଲଙ୍କ* ମାମଲାର ଅନୁସରଣ କରି ଏହି ନ୍ୟାୟାଳୟ *ବମ୍ବେ ପ୍ରାଦେଶିକ ପୌରପାଳିକା ନିଗମ* (ଗୁଜୁରାଟ ସଂଶୋଧନ) ଅଧିନିୟମ, 1963ର ଏକ ବ୍ୟବସ୍ଥାକୁ ସମର୍ଥନ କରିଥିଲେ ଯାହା ଗୁଜୁରାଟ ଅଧିନିୟମର ଧାରା 233 *ଅନୁରୂପ* ଥିଲା । [1090A-C]

(iii) ଯେତେବେଳେ ସରକାରୀ ବା ଅର୍ଦ୍ଧ-ସରକାରୀ ସଂସ୍ଥାର ସମ୍ପତ୍ତି ଏକ ନିର୍ଦ୍ଦିଷ୍ଟ ବର୍ଗର ଅନ୍ତର୍ଗତ ଏବଂ ତେଣୁ ଏହା ଏକ ଯୁକ୍ତିଯୁକ୍ତ ବର୍ଗୀକରଣ ବୋଲି ଦର୍ଶାଯାଏ, ସେତେବେଳେ ଦେୱାନୀ ପ୍ରତିକାର ଦିଆଯାଉଛି କି ନାହିଁ, ତାହା ସମ୍ବିଧାନର ଅନୁଚ୍ଛେଦ 14ର ଉଲ୍ଲଂଘନ ହେବ ନାହିଁ । [1090D-F]

(iv) ଧାରା 236 ଅନୁଯାୟୀ, ଉଚ୍ଛେଦ ଆକ୍ଷେପିତ ଆଦେଶ ବିରୋଧରେ ସରକାରଙ୍କୁ ଅପିଲ କରିବାର ଅଧିକାର ଉତ୍ତରଦାତାଙ୍କଠାରେ ରହିଛି । ଏହି ଧାରାରେ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମଧ୍ୟ ଅଛି, ଯେଉଁଥିରେ ଯଦି ଅପିଲ ପ୍ରାଧିକାରୀ, ଅର୍ଥାତ୍ ସରକାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯଥେଷ୍ଟ କାରଣ ଦର୍ଶାଯାଏ, ତେବେ ବିଳମ୍ବକୁ କ୍ଷମା କରାଯାଇପାରିବ । ଉତ୍ତରଦାତାମାନଙ୍କୁ ଅପିଲ ଦାଖଲ କରିବାର ସ୍ୱାଧୀନତା ରହିଛି, ଯାହାକି ସରକାରଙ୍କ ଦ୍ୱାରା ଆଇନ ଅନୁସାରେ ପରିସମାପ୍ତ କରାଯିବ ।
[1090G- H, 1091A]

(2) ଗୁଜୁରାଟ ଅଧିନିୟମର ବ୍ୟବସ୍ଥାଗୁଡ଼ିକ ସମ୍ବିଧାନର ଅନୁଚ୍ଛେଦ 19ର ଉଲ୍ଲଂଘନ କରୁଛି ବୋଲି ଯେଉଁ ଯୁକ୍ତି କରାଯାଇଥିଲା, ତାହାକୁ *ଅହମ୍ମଦାବାଦ ପୌରପାଳିକା ନିଗମ ଏବଂ ଅନ୍ୟମାନେ*

ଗୁଜୁରାଟ ରାଜ୍ୟ ବନାମ ପଟେଲ ବାଭା କରସନ (ଫଜଲ୍ ଅଲ୍ଲୀ, ନ୍ୟାୟମୂର୍ତ୍ତି)

*ବନାମ ରମଣଲାଲ ଗୋବିନ୍ଦରାମ ଏବଂ ଅନ୍ୟମାନେ* ମାମଲାରେ ସ୍ପଷ୍ଟ ଭାବରେ ବିଚାର କରାଯାଇ ପ୍ରତ୍ୟାଖ୍ୟାନ କରି ଦିଆଯାଇଥିଲା । [1090E-F]

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1596 ଏବଂ 1224/1970 ।

ଏସ୍.ସି.ଏ. ସଂଖ୍ୟା 438/66ରେ ଗୁଜୁରାଟ ଉଚ୍ଚ ନ୍ୟାୟାଳୟର 31-1-1970 ତାରିଖର ରାୟ ଏବଂ ଆଦେଶରୁ ।

ସିଏ 1224/70 ଏବଂ ଆର୍ ଆର୍ 1596/70ରେ ଅପିଲକାରୀଙ୍କ ପାଇଁ *ଟି.ୟୁ. ମେହେତା, ଡି.ଏନ୍. ମିଶ୍ର ଏବଂ କେ.ଜେ. ଜନ୍।*

ସିଏ ସଂଖ୍ୟା 1596/70ରେ ଅପିଲକାରୀଙ୍କ ପାଇଁ *ଏସ୍.ସି. ପଟେଲ* ଏବଂ *ଏମ୍.ଏନ୍. ଶ୍ରଫ*।

ସିଏ ସଂଖ୍ୟା 1224/70ରେ ଉତ୍ତରଦାତା ସଂଖ୍ୟା 1ଙ୍କ ପାଇଁ *ଏମ୍.କେ. ରାମାମୂର୍ତ୍ତି ଏବଂ ଭିନୀତ କୁମାର।*

ସିଏ ସଂଖ୍ୟା 1224/70ରେ ଉତ୍ତରଦାତା ସଂଖ୍ୟା 2ଙ୍କ ପାଇଁ *ଏସ୍.ସି. ପଟେଲ ଏବଂ ଏମ୍.ଏନ୍. ଶ୍ରଫ।*

ନ୍ୟାୟାଳୟଙ୍କର ରାୟ **ଫଜଲ୍ ଅଲି, ନ୍ୟାୟମୂର୍ତ୍ତି**ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ପ୍ରମାଣପତ୍ର ଦ୍ୱାରା ହୋଇଥିବା ଏହି ଅପିଲ 31-1-1970 ତାରିଖରେ ଗୁଜୁରାଟ ଉଚ୍ଚ ନ୍ୟାୟାଳୟଙ୍କ ଏକ ରାୟ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି, ଯେଉଁଥିରେ ରାଜକୋଟ ପୌରପାଳିକାକୁ ଏକ ପରମ ଆଜ୍ଞାଦେଶ ଜାରି କରାଯାଇଥିଲା ଯାହା ଉତ୍ତରଦାତା ସଂଖ୍ୟା 1ଙ୍କୁ ଦିଆଯାଇଥିବା ତା 9-3-1966 ରିଖର ଅଧିସୂଚନାକୁ କାର୍ଯ୍ୟକାରୀ ନକରିବାକୁ ନିର୍ଦ୍ଦେଶ ଦେଇଛି, ଏବଂ ତାଙ୍କୁ ଗୁଜୁରାଟ ପୌରପାଳିକା ଅଧିନିୟମ (ଏହା ପରେ ଗୁଜୁରାଟ ଅଧିନିୟମ ଭାବରେ ସୂଚିତ)ର ଧାରା 233 (1) ଅନୁଯାୟୀ ପୌରପାଳିକାକୁ ଏକ ଜମି ହସ୍ତାନ୍ତର କରିବା ପାଇଁ କୁହାଯାଇଥିଲା ଏହି ଆଧାରରେ ଯେ, ସେ ଏହି ଜମିକୁ ଅନଧିକୃତ ଭାବେ ଦଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ବିବାଦର ଏକମାତ୍ର ପ୍ରସଙ୍ଗ ଥିଲା ଯେ, ଗୁଜୁରାଟ ଅଧିନିୟମର ଧାରା 233, ଯାହା ଅଧୀନରେ ଉତ୍ତରଦାତା ସଂଖ୍ୟା 1 ଙ୍କୁ ଉଚ୍ଛେଦ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ସାମ୍ବିଧାନିକ ଭାବେ ବୈଧ ଥିଲା କି ନାହିଁ । ଉଚ୍ଚ ନ୍ୟାୟାଳୟ ସେହି ନ୍ୟାୟାଳୟର ଏକ ପୂର୍ବ ନିଷ୍ପତ୍ତିକୁ

ଦୃଷ୍ଟିରେ ରଖି ଧାରା 233, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 14ର ଉଲ୍ଲଂଘନ ହେତୁ *କ୍ଷମତାତୀତ* ବୋଲି ଦର୍ଶାଇଥିଲେ । ପ୍ରମାଣପତ୍ର ମାଧ୍ୟମରେ ଅପିଲ କରିବା ପାଇଁ ଅପିଲକାରୀମାନେ ସମ୍ବିଧାନର ଅନୁଚ୍ଛେଦ 133(1)-(c) ଅନୁଯାୟୀ ଆବେଦନ କରିଥିଲେ, ଯାହା ମଞ୍ଜୁର କରାଯାଇଥିଲା ; ତେଣୁ ଏହି ଅପିଲ ଦାଖଲ କରାଯାଇଛି ।

ଗୁଜୁରାଟ ଅଧିନିୟମର ଧାରା 233 ଏହିପରି ବର୍ଣ୍ଣିତ : -

"233. *ପୌରପାଳିକା ପରିସରରୁ କେତେକ ବ୍ୟକ୍ତିଙ୍କୁ ଉଚ୍ଛେଦ କରିବାର କ୍ଷମତା ।*

(1) ଯଦି ମୁଖ୍ୟ ଅଧିକାରୀ ସନ୍ତୁଷ୍ଟ ହୁଅନ୍ତି -

(a) ଯେଉଁ ବ୍ୟକ୍ତି ପୌରପାଳିକାର କୌଣସି ପରିସର (ଏହା ପରେ "ପୌରପାଳିକା ପରିସର" ଭାବରେ ସୂଚିତ)କୁ ଜଣେ ଭଡ଼ାଟିଆ କିମ୍ବା ଅନ୍ୟ କୌଣସି ଉପାୟରେ ଅଧିକାର କରିବା ପାଇଁ ଅନୁମତି ପାଇଛନ୍ତି, ସେ ଯଦି...

(i) ସେହି ପରିସର ସମ୍ବନ୍ଧରେ ଆଇନତଃ ଦେୟ ଥିବା ଭଡ଼ାକୁ ଦୁଇ ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ପୈଠ କରି ନାହିଁ, କିମ୍ବା

(ii) ପୌରପାଳିକାର ଅନୁମତି ବିନା, ସେହି ପରିସରର ସମୁଦାୟ ବା କୌଣସି ଅଂଶକୁ ଉପ-ଭଡ଼ା ଦେଇଛି, କିମ୍ବା

(iii) ଅନ୍ୟଥା, ସେହି ପରିସରକୁ ଦଖଲ କରିବା ପାଇଁ ଅନୁମତି ପାଇଥିବା ଚୁକ୍ତିର ସ୍ପଷ୍ଟ କିମ୍ବା ଅନ୍ତର୍ନିହିତ ସର୍ତ୍ତାବଳୀ ମଧ୍ୟରୁ କୌଣସି ଗୋଟିଏକୁ ଉଲ୍ଲଂଘନ କରିଛି, କିମ୍ବା

(b) ଯଦି କୌଣସି ବ୍ୟକ୍ତି ପୌରପାଳିକାର କୌଣସି ପରିସରକୁ ଅନଧିକୃତ ଭାବରେ ଦଖଲ କରିଛନ୍ତି ।

ମୁଖ୍ୟ ଅଧିକାରୀ, ସେହି ସମୟରେ ବଳବତ୍ତର ଥିବା କୌଣସି ଆଇନରେ ଯାହାକିଛି ଥିବା ସତ୍ତ୍ୱେ, (i) ଡାକ ଯୋଗେ କିମ୍ବା (ii) ସେହି ପରିସରର ବାହାର କବାଟରେ କିମ୍ବା କୌଣସି ଦୃଶ୍ୟମାନ ଅଂଶରେ ଅଧିସୂଚନାର ଏକ ନକଲ ଲଗାଇ, କିମ୍ବା (iii) ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନିୟମରେ ବ୍ୟବସ୍ଥା ଥିବା ପରି ଅନ୍ୟ କୌଣସି ଉପାୟରେ ଅଧିସୂଚନା ପ୍ରଦାନ କରି ଆଦେଶ ଦେଇପାରିବେ

ଯେ, ଉକ୍ତ ବ୍ୟକ୍ତି ତଥା ପରିସରର ସମୁଦାୟ କିମ୍ବା କୌଣସି ଅଂଶ ଦଖଲ କରିଥିବା ଅନ୍ୟ କୌଣସି ବ୍ୟକ୍ତି ସୂଚନା ପ୍ରଦାନ ହେବାର ଏକ ମାସ ମଧ୍ୟରେ ତାହା ଖାଲି କରିବେ ।

(2) ଉପ-ଧାରା (1) ଅନୁଯାୟୀ କୌଣସି ବ୍ୟକ୍ତି ବିରୋଧରେ ଆଦେଶ ଦେବା ପୂର୍ବରୁ, ମୁଖ୍ୟ ଅଧିକାରୀ ଉକ୍ତ ବ୍ୟକ୍ତିଙ୍କୁ ଏକ ଲିଖିତ ସୂଚନା ମାଧ୍ୟମରେ ପ୍ରସ୍ତାବିତ ଆଦେଶର କାରଣ ବିଷୟରେ ଜଣାଇବେ ଏବଂ ତାଙ୍କୁ ସ୍ପଷ୍ଟୀକରଣ ଦେବା ଏବଂ ପ୍ରମାଣ ଉପସ୍ଥାପନ କରିବାର ଏକ ଯୁକ୍ତିଯୁକ୍ତ ସୁଯୋଗ ଦେବେ, ଯଦି କିଛି ଥାଏ, ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାହିଁକି ସେହି ଆଦେଶ ଦିଆଯିବ ନାହିଁ, ସେ ନେଇ ଯୁକ୍ତି ଦର୍ଶାଇବା ପାଇଁ ଏକ ଯୁକ୍ତିଯୁକ୍ତ ସୁଯୋଗ ଦେବେ । ଯଦି ଉକ୍ତ ବ୍ୟକ୍ତି ସୂଚନାରେ ଉଲ୍ଲେଖ ଥିବା ଅବଧିକୁ ବଢ଼ାଇବା ପାଇଁ ମୁଖ୍ୟ ଅଧିକାରୀଙ୍କୁ ଏକ ଆବେଦନ କରନ୍ତି, ତେବେ ମୁଖ୍ୟ ଅଧିକାରୀ ଉଚିତ ମନେ କରୁଥିବା ପରି, ଆବେଦନରେ ଦାବି କରାଯାଇଥିବା ପରିମାଣର ପୈଠ ଏବଂ ଆଦାୟ ସମ୍ବନ୍ଧରେ ସର୍ତ୍ତ ଉପରେ ଏହାକୁ ଅନୁମତି ଦେଇପାରିବେ । ଏହିପରି ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଇଥିବା କୌଣସି ଲିଖିତ ବିବରଣୀ ଏବଂ ଏହିପରି ସୂଚନାକୁ ଅନୁସରଣ କରି ପ୍ରସ୍ତୁତ କରାଯାଇଥିବା ଦସ୍ତାବିଜକୁ ମାମଲାର ନଥି ସହିତ ଦାଖଲ କରାଯିବ ଏବଂ ଏହିପରି ବ୍ୟକ୍ତି ଏହି ସମ୍ବନ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ପ୍ରାଧିକରଣ ସମ୍ମୁଖରେ ଓକିଲ, ଅଧିବକ୍ତା କିମ୍ବା ଆଇନଜୀବୀ ଦ୍ୱାରା ହାଜର ହେବାର ଅଧିକାର ପାଇବେ । ଏହିପରି ଲିଖିତ ସୂଚନା, ଉପ-ଧାରା (1) ଅନୁଯାୟୀ ନୋଟିସ ଜାରି କରିବା ପାଇଁ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯିବ ।

.... ... ... ... ... ."

ଏହା ଜଣାପଡ଼େ ଯେ, *ନର୍ଦ୍ଦର୍ଣ୍ଣ ଇଣ୍ଡିଆ କ୍ୟାଟରର୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅନ୍ୟଜଣେ ବନାମ ପଞ୍ଜାବ ରାଜ୍ୟ ଓ ଅନ୍ୟଜଣେ* [1]ଙ୍କ ମାମଲାରେ, ଏହି ନ୍ୟାୟାଳୟ ଗୁଜୁରାଟ ଆଇନର ଧାରା 233 ସହିତ ପ୍ରାୟ ସମାନ ବ୍ୟବସ୍ଥା ଥିବା ଏକ ବିଧାନର ବ୍ୟାଖ୍ୟା କରିବା ସମୟରେ ଉଚ୍ଚ ନ୍ୟାୟାଳୟ ଭଳି ସମାନ ଦୃଷ୍ଟିକୋଣ ଗ୍ରହଣ କରିଥିଲେ ଏବଂ ସେହି ବିଧାନକୁ ଖାରଜ କରି ଦେଇଥିଲେ । ଏହି ନିଷ୍ପତ୍ତି *ଛଗନଲାଲ ମଗନଲାଲ* [2] ମାମଲାରେ ଶେଷରେ ଖାରଜ ହେବା ପର୍ଯ୍ୟନ୍ତ ବଳବତ୍ତର ରହିଥିଲା ।

[1] [1967] 3 S.C.R. 399
[2] [1975] 1 S.C.R. 1

ପରେ ଅହମ୍ମଦାବାଦ *ପୌରପାଳିକା ନିଗମ ଏବଂ ଅନ୍ୟମାନେ ବନାମ ସି. ରମଣଲାଲ ଗୋବିନ୍ଦରାମ ଏବଂ ଅନ୍ୟମାନେ* [3]*ଙ୍କ* ମାମଲାରେ, ଏହି ନ୍ୟାୟାଳୟ *ଛଗନଲାଲ ମଗନଲାଲଙ୍କ* ମାମଲାକୁ ଅନୁସରଣ କରି ବମ୍ବେ ପ୍ରାଦେଶିକ ପୌରପାଳିକା ନିଗମ (ଗୁଜୁରାଟ ସଂଶୋଧନ) ଅଧିନିୟମ, 1963ର ଏକ ବ୍ୟବସ୍ଥାକୁ କାଏମ ରଖିଥିଲେ, ଯାହା ଗୁଜୁରାଟ ଅଧିନିୟମର ଧାରା 233 ସହିତ ସମାନ ଥିଲା । ଉତ୍ତରଦାତାମାନଙ୍କ ପକ୍ଷରୁ ହାଜର ହୋଇଥିବା ଶ୍ରୀ ଏମ୍.କେ. ରାମାମୂର୍ତ୍ତି ଯୁକ୍ତି ବାଢ଼ିଥିଲେ ଯେ, *ଅହମ୍ମଦାବାଦ ପୌରପାଳିକା ନିଗମର* (ପୂର୍ବୋକ୍ତ) ମାମଲାର ନିଷ୍ପତ୍ତି ସଠିକ ନଥିଲା, କାରଣ ଛଗନଲାଲ *ମଗନଲାଲଙ୍କ ମାମଲାରେ (ପୂର୍ବୋକ୍ତ) ଏକ* ଦେୱାନୀ ନ୍ୟାୟାଳୟରେ ଅପିଲ କରିବାର ଏବଂ ପ୍ରମାଣ ଉପସ୍ଥାପନ କରିବାର ଅଧିକାର ଥିବାବେଳେ, ଅହମ୍ମଦାବାଦ ପୌରପାଳିକା ନିଗମ ମାମଲାରେ ସମ୍ପୃକ୍ତ ବିଧାନରେ ଏପରି କୌଣସି ବ୍ୟବସ୍ଥା ନଥିଲା । ଏହି ଯୁକ୍ତି ଯୁକ୍ତିଯୁକ୍ତ ମନେ ହେଉନାହିଁ, କାରଣ ଥରେ ସରକାରୀ କିମ୍ବା ଅର୍ଦ୍ଧ-ସରକାରୀ ସଂସ୍ଥାର ସମ୍ପତ୍ତିକୁ ଏକ ନିର୍ଦ୍ଦିଷ୍ଟ ବର୍ଗରେ ଅନ୍ତର୍ଭୁକ୍ତ ବୋଲି ଧରାଗଲେ ଏବଂ ତାହା ଏକ ଯୁକ୍ତିଯୁକ୍ତ ବର୍ଗୀକରଣ ହେଲେ, ଦେୱାନୀ ପ୍ରତିକାର ଦିଆଯାଉଛି କି ନାହିଁ, ସେହି ବିଷୟ *ଛଗନଲାଲ ମଗନଲାଲ* ମାମଲାରେ ସ୍ଥିର କରାଯାଇଥିବା ବ୍ୟାପକ ନୀତି ଅନୁସାରେ ସମ୍ବିଧାନର ଧାରା 14ର ଉଲ୍ଲଂଘନ ହେବ ନାହିଁ ।

ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ, ଗୁଜୁରାଟ ଅଧିନିୟମର ବ୍ୟବସ୍ଥାଗୁଡିକ ଭାରତୀୟ ସମ୍ବିଧାନର ଧାରା 19ର ଉଲ୍ଲଂଘନ କରୁଛି । ଏହି ବିବାଦକୁ *ଅହମ୍ମଦାବାଦ ପୌରପାଳିକା ନିଗମ ଏବଂ ଅନ୍ୟମାନେ ବନାମ ରମଣଲାଲ ଗୋବିନ୍ଦରାମ ଏବଂ ଅନ୍ୟମାନେ* (ପୂର୍ବୋକ୍ତ) ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ସ୍ପଷ୍ଟ ଭାବରେ ବିଚାର ଏବଂ ପ୍ରତ୍ୟାଖ୍ୟାନ କରାଯାଇଥିଲା ଯାହା ସହିତ ଆମେ ସମ୍ପୂର୍ଣ୍ଣ ସହମତ ଅଛୁ । ତେଣୁ, ଆମେ ଏହି ଅପିଲଗୁଡ଼ିକୁ ଅନୁମତି ଦେଉଛୁ, ଉଚ୍ଚ ନ୍ୟାୟାଳୟର ରାୟକୁ ରଦ୍ଦ କରିଛୁ ଏବଂ 9-3-1966 ତାରିଖର ମୁଖ୍ୟ ଅଧିକାରୀଙ୍କ ଆଦେଶକୁ ନିଶ୍ଚିତ କରୁଛୁ ।

ତଥାପି, ଆମେ ଲକ୍ଷ୍ୟ କରିପାରୁ ଯେ ଗୁଜୁରାଟ ଅଧିନିୟମର ଧାରା 236 ଅନୁଯାୟୀ, ଉତ୍ତରଦାତାମାନଙ୍କର ଉଚ୍ଛେଦର ଆକ୍ଷେପିତ ଆଦେଶ ବିରୁଦ୍ଧରେ ସରକାରଙ୍କୁ ଅପିଲ କରିବାର ଅଧିକାର ରହିଛି । ଏହି ଧାରାରେ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମଧ୍ୟ ଅଛି, ଯାହା ଅନୁଯାୟୀ ଯଦି ଅପିଲ ପ୍ରାଧିକାରୀ ଅର୍ଥାତ୍ ସରକାରଙ୍କ ସନ୍ତୋଷ ପାଇଁ ଯଥେଷ୍ଟ କାରଣ ଦର୍ଶାଯାଏ, ତେବେ ବିଳମ୍ବକୁ କ୍ଷମା କରାଯାଇପାରିବ । ଏହି ପରିସ୍ଥିତିରେ, ମୁଖ୍ୟ ଅଧିକାରୀଙ୍କ ଦ୍ୱାରା ପାରିତ ଉଚ୍ଛେଦ ଆଦେଶ

[3] [1975] 3. S.C.R. 935

ବିରୁଦ୍ଧରେ ସରକାରଙ୍କୁ ଅପିଲ କରିବାକୁ ଉତ୍ତରଦାତାମାନଙ୍କ ପାଇଁ ଏହା ଉନ୍ମୁକ୍ତ ରହିବ ଯାହା ଆଇନ ଅନୁଯାୟୀ ସରକାରଙ୍କ ଦ୍ୱାରା ପରିସମାପ୍ତ କରାଯିବ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏନ୍.କେ.ଏ. ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**ଅନୁବାଦକ**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ